ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର ୩ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ସାନଭାଇ ଛୁରା ମାଡ଼ରେ ବଡ ଗୁରୁତର

ବୁଗୁଡ଼ା,୨।୧୧(ଡି.ଏନ୍.ଏ.)-ବୁଗୁଡ଼ା ଥାନା ଅନ୍ତର୍ଗତ ବି.କରଡ଼ାବାଡ଼ି ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ସମ୍ପର୍କୀୟ ବୁଧବାର ରାତିରେ ସାନଭାଇ ଛୁରା ମାଡ଼ରେ ବଡ଼ଭାଇ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ଖାଦାଳ ସାହିର ବସନ୍ତ ନାଇକଙ୍କ ପେଟ ଓ ପିଠିରେ ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ବୁଗୁଡ଼ା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ବସନ୍ତ ନିଜ ଘର ସାମ୍ନାରେ ଠିଆ ହୋଇଥିବା ବେଳେ ସମ୍ପର୍କୀୟ ସାନଭାଇ ପାରିବାରିକ କଳହରୁ ଅତର୍କିତ ଭାବେ ଆସି ଛୁରା ମାଡ଼ କରିଥିବା ଅଭିଯୋଗ ହୋଇଛି। ଖବରପାଇ ପୋଲିସ ପହଞ୍ଚିବା ବେଳକୁ ଅଭିଯୁକ୍ତ ସାନଭାଇ ଓ ତାଙ୍କ ପରିବାର ଘରେ ତାଲା ଝୁଲାଇ ଫେରାର ହୋଇଯାଇଛନ୍ତି।

### ୯ ଫୁଟର ଅଜଗର ଉଦ୍ଧାର

ଗୋପାଳପୁର,୨।୧୧(ଡି.ଏନ୍.ଏ.)-ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ଦାସପୁର ଛକ ନିକଟରୁ ୯ ଫୁଟର ଅଜଗର ସାପକୁ ଉଦ୍ଧାର କରାଯାଇଛି। ଗୋଳନ୍ଥରା ଥାନା ଅନ୍ତର୍ଗତ ଦାସପୁର ଛକ ନିକଟସ୍ଥ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଏକ ବିରାଟକାୟ ଅଜଗରକୁ ସ୍ଥାନୀୟ ଲୋକମାନେ ଦେଖିଥିଲେ। ଏନେଇ ବନ ବିଭାଗକୁ ଜଣାଇବା ପରେ ବିଭାଗ ପକ୍ଷରୁ ସ୍ନେକ ହେଲପ ଲାଇନ ସଦସ୍ୟ ସ୍ୱାଧିନ କୁମାର ସାହୁଙ୍କୁ ମଧ ଖବର ଦିଆଯାଇଥିଲା। ଏହା ମଧରେ ଅଜଗର ଏକ ଶଙ୍ଖ ତଳକୁ ଚାଲି ଯାଇଥିଲା। ପରେ ସ୍ୱାଧୀନ ଘଟଣାସ୍ଥଳରେ ପହଞ୍ଚି ଅଜଗରକୁ ଉଦ୍ଧାର କରି ବ୍ରହ୍ମପୁର ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ବନାଞ୍ଚଳ ଅଧିକାରୀ ରଜତ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଜଙ୍ଗଲରେ ଛଡ଼ା ଯାଇଛି।

### ପ୍ରାଧାପକଙ୍କ ବିୟୋଗରେ ଶୋକସଭା

ଗୋପାଳପୁର,୨।୧୧(ଡି.ଏନ.ଏ.)-ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ଗଣିତ ପ୍ରାଧାପକ ଅଜିତ କୁମାର ବେହେରାଙ୍କ ମଙ୍ଗଳବାର ପରଲୋକ ଘଟିଛି। ଏ ନେଇ ମହାବିଦ୍ୟାଳୟରେ ବୁଧବାର ଏକ ଶୋକସଭା ହୋଇଥିଲା। ଏଥିରେ ଅଧକ୍ଷ ରାଜେନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ସାତ୍ୟକି ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଗଣିତ ବିଭାଗ ମୁଖ୍ୟ ପ୍ରାଧାପିକା ଆରତିବାଳା ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇ ପ୍ରାଧାପକଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ୫୧ ୟୁନିଟ୍ ରକ୍ତ ସଂଗ୍ରହ

ସୋରଡା,୨।୧୧(ଡି.ଏନ୍.ଏ.)-ବଜରଙ୍ଗ ଦଳ ଓ ମଡର୍ନ ପବ୍ଲିକ୍ ବିଦ୍ୟାଳୟ ତରଫରୁ ବିଦ୍ୟାଳୟ ପରିସରରେ ବୁଧବାର ମେଗା ରକ୍ତଦନ ଶିବିର ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗ ଦଳ ଜିଲା ସଂଯୋଜକ ସୁଧୀର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଭଞ୍ଜନଗର ରକ୍ତଭଣ୍ଡାରର ଡାକ୍ତରୀ ଦଳ ଯୋଗଦେଇ ୫୧ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ କ୍ଷତ୍ରୀୟ ସଂଯୋଜକ ଅନିଲ ଚକ୍ରବର୍ତ୍ତୀ, ସଞ୍ଜୟ ଗଉଡ, ଅଧାପକ ରାମଚନ୍ଦ୍ର ବିଶୋୟୀ, ସଞ୍ଜୟ ପ୍ରଧାନଙ୍କ ସମେତ ଶିକ୍ଷିତ୍ରୀମାନେ ସହଯୋଗ କରିଥିଲେ। ଛତ୍ରୀଛାତ୍ରମାନେ ମଧ ରକ୍ତଦାନ ଉପରେ ସଚେତନ କରିଥିଲେ।

# ସ୍ମାର୍ଟକେମ୍ ଟେକ୍ନୋଲୋଜି କମ୍ପାନୀ କାର୍ଯ୍ୟ ବନ୍ଦ

## ବଡ଼ ଧରଣର ଆନ୍ଦୋଳନ ଲାଗି ସଜବାଜ

ଛତ୍ରପୁର,୨।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ତହସିଲ ଅନ୍ତର୍ଗତ କାଳିପଲ୍ଲୀ ଗ୍ରାମ ନିକଟରେ ଟାଟା କମ୍ପାନୀର ଇଣ୍ଡଷ୍ଟ୍ରିଆଲ ପାର୍କ ପରିସରରେ ସ୍ମାର୍ଟକେମ୍ ଟେକ୍ନୋଲୋଜି ନାମକ ସାର କାରଖାନା ନିର୍ମାଣକୁ ସ୍ଥାନୀୟ ଲୋକଙ୍କ ବିରୋଧ ଜାରି ରହିଛି। ବୁଧବାର କାଳୀପଲ୍ଲୀ ଗ୍ରାମ କମ୍ୟୁନିଟି ହଲ ପରିସରରେ ଅନୁଷ୍ଠିତ ବୈଠକରେ ଆଗକୁ ଅଞ୍ଚଳବାସୀଙ୍କ ହିତ ନିମନ୍ତେ ଟାଟା ବିରୋଧରେ ବଡ଼ ଧରଣର ଆନ୍ଦୋଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଗ୍ରାମ କମିଟିର ସଭାପତି ବି. ମୋହନ ପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ବୈଠକରେ ଗ୍ରାମର ବହୁ ମହିଳା, ପୁରୁଷ ଏବଂ ଯୁବକମାନେ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିବା ସହିତ 'ଟାଟା ହଟିବ..... କାଳିପଲ୍ଲୀ ଜିତିବ' ନାରାବାଜି ଦେଇଥିଲେ। ବୈଠକରେ ଓଡ଼ିଶା ବଜରଙ୍ଗ ଦଳ ସୁରକ୍ଷା ପ୍ରମୁଖ ରାଜୀବ ନେତ୍ର ଖାଡ଼ଙ୍ଗା, ଗଞ୍ଜାମ ଜିଲା ବଜରଙ୍ଗ ଦଳ ସଂଯୋଜକ ବଳରାମ ମହାରଣା, ଜନ ଜାଗରଣ ସୁରକ୍ଷା ମଞ୍ଚର ମଧୁସୂଦନ ସେଠି, ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ରାଜେନ୍ଦ୍ର ଦଳ ବେହେରା, ସାଙ୍ଗଠନିକ ସଭ୍ୟ ଗୁରୁଚରଣ, ଭାରତୀୟ ବିକାଶ ପରିଷଦର ଛତ୍ରପୁର ବ୍ଲକ ସଭାପତି ଗୁରୁଦେବ ବେହେରାଙ୍କ ସମେତ ଅନ୍ୟ ଗ୍ରାମର କେତେଜଣ ଭଦ୍ରବ୍ୟକ୍ତି ଯୋଗଦେଇ ଟାଟା ବିରୋଧୀ ଆନ୍ଦୋଳନ ସମ୍ପର୍କରେ ବିଭିନ୍ନ ମତ ରଖିଥିଲେ। ଟାଟା ପ୍ରଥମେ ଜନଶୁଣାଣି କରୁ ପରେ ଅନ୍ୟ କଥା । ଏହା ସହିତ କମ୍ପାନୀର ୧୦କିମି ପରିସରରେ ଥିବା ୬ଟି ପଞ୍ଚାୟତର ୨୫ଟି ଗାଁର ଲୋକଙ୍କୁ ଡାକି ଆଲୋଚନା କରାଯାଉ। ଏହି ବିଷାକ୍ତ ସାର କାରଖାନା ଏଠାରେ ପ୍ରତିଷ୍ଠା ହେଲେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ମରିବୁ ପଛେ ଏଠାରେ ଏହି ସାର କାରଖାନା କରିବାକୁ ଦେବୁ ନାହିଁ ବୋଲି ଆଲୋଚନା ବୈଠକରେ ଗ୍ରାମର ଅଧିକାଂଶ ବ୍ୟକ୍ତି କହିଥିଲେ। ସେପଟେ ପ୍ରକଳ୍ପସ୍ଥଳରେ ତୃତୀୟ ଦିନରେ ବି କୌଣସି କାମ ବନ୍ଦ ଥିବା ଦେଖାଯାଇଥିଲା।



ଆଲୋଚନା ଚାଲିଛି।

ସୂଚନାଯୋଗ୍ୟ, ପୂର୍ବରୁ ଗ୍ରାମବାସୀଙ୍କ ବିରୋଧ ଯୋଗୁ ସ୍ମାର୍ଟକେମ୍ ପ୍ରକଳ୍ପ କାମ ବନ୍ଦ ରହିଥିଲା। ପରେ କମ୍ପାନୀ କୋର୍ଟଙ୍କ ନିୟମ ମୁତାବକ ପୋଲିସ ଫୋର୍ସ ଉପସ୍ଥିତିରେ ପୁଣି କାମ ଆରମ୍ଭ କରିଥିଲା। ଏହାକୁ ବିରୋଧ କରିବାରୁ ପୋଲିସ-ଗ୍ରାମବାସୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ମଙ୍ଗଳବାର ଗ୍ରାମବାସୀ ଏକ ବୈଠକରେ ଏ ନେଇ ଆଲୋଚନା କରିବା ପରେ ପ୍ରକଳ୍ପସ୍ଥଳକୁ ଯାଇ ଧସେଇ ପଶିଥିଲେ। ସେଠାରେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ସ୍ମାର୍ଟକେମ୍ କମ୍ପାନୀ ପ୍ରକଳ୍ପ ବିରୋଧରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ ହୋଇଛ।

# ପାରଳାରେ ପବିତ୍ର ଅଁଳା ନବମୀ, ରାଧାପାଦ ଦର୍ଶନ

ପାରଳାଖେମୁଣ୍ଡି,୨।୧୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରେ ପବିତ୍ର ଅଁଳା ନବମୀ ଓ ରାଧାପାଦ ଦର୍ଶନ ଲାଗି ବିଭିନ୍ନ ଦେବାଳୟରେ ଭିଡ ପରିଲିକ୍ଷିତ ହୋଇଛି। ପବିତ୍ର କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ହେଉଥିବା ଅଁଳା ନବମୀରେ ସହରର ବଡରାଧାକାନ୍ତ ମଠ ବ୍ୟତୀତ ସହରର ସମସ୍ତ ଦେବାଳୟରେ ବିଶେଷ କରି ଭକ୍ତ ଭିଡ ଜମିଥିଲା। ବଡରାଧାକାନ୍ତ ମଠ ପରିସରରେ ଥିବା ଅଁଳା ଗଛର ମୂଳରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ସହ ଭୋଜନ ପ୍ରସ୍ତୁତ କରି ଭଗବାନ ବିଷ୍ଣୁ ଏବଂ ଶିବଙ୍କୁ ଭୋଗ ଅର୍ପଣ କରିଥିଲେ। ଏହା ସହ ଅଁଳା ନବମୀ ଦିନ ମହିଳାମାନେ ସନ୍ତାନ ପ୍ରାପ୍ତି ଓ ସନ୍ତାନମାନଙ୍କର ମଙ୍ଗଳ କାମନା କରି ଅଁଳାଗଛକୁ ପୂଜା କରିଥାନ୍ତି। ସେହିପରି ଏହି ପବିତ୍ର ଦିନରେ ବିଭିନ୍ନ ମଠ ମନ୍ଦିରରେ ଅଷ୍ଟପ୍ରହରୀ ନାମଯଜ୍ଞ, ପ୍ରସାଦ ବଣ୍ଟନ ଆଦି ଦିନତମାମ ଲାଗି ରହିଥିଲା।

# ବିଧାୟିକାଙ୍କ ଉନ୍ନୟନ କାର୍ଯ୍ୟ ଭିତ୍ତିଭୂମି ଅନୁଧ୍ୟାନ

ଆସିକା,୨।୧୧(ଡି.ଏନ୍.ଏ.)

ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ବୁଧବାର ଆସିକା ଅଞ୍ଚଳରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ । ଆସିକା ସହରରୁ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ବିନାୟକ ବଜାର ନିକଟସ୍ଥ ଟିପିସର ନାଳ ଉପରେ ନୂତନ ବ୍ରିଜ, ବାଣୀବିହାର ନିକଟରେ ଥିବା ଟିପିସର ନାଳ ଉପରେ ନୂତନ ବ୍ରିଜ, ବିଜୁ ପଟ୍ଟନାୟକ ଛକଠାରେ ରାତ୍ର ଆଶ୍ରୟସ୍ଥଳି ଓ ଭେଟନଇ ନିକଟରେ ଥିବା କଙ୍କଣଦେବୀ ପୀଠରେ ଅତିଥି ଭବନ ନିର୍ମାଣ କାର୍ଯ୍ୟର ଭିତ୍ତିଭୂମି ଦେଖିବା ସହ ବ୍ୟୟ ଅଟକଳ ତୁରନ୍ତ ପ୍ରସ୍ତୁତ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ବିଧାୟିକା ନିର୍ଦ୍ଦେଶ ଦେଇଛନ୍ତି। ବିଧାୟିକାଙ୍କ ସହ ଏହି କାଯ୍ୟକ୍ରମରେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଶିବ ନାହାକ, ଆସିକା ତହସିଲଦାର ତଥା ଏନଏସି ନିର୍ବାହୀ ଅଧିକାରୀ ସଂଜୟ କୁମାର ସାମନ୍ତରାୟ, ବିଡିଓ ଫକୀର ଚରଣ ପରିଡା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସାମିଲ ଥିଲେ । ବିଧାୟିକା ଏହି ଅବସରରେ ଆସିକା ବ୍ଲକର ବାଲିଛାଇ ପଞ୍ଚାୟତ ନିରାଳ ଗ୍ରାମରେ ନିର୍ମାଣ ହେବାକୁ ଥିବା ଦକ୍ଷିଣ କାଳୀ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।



ବିଧାୟିକା ଟିପିସିର ନାଳ ବ୍ରିଜ ଦେଖୁଛନ୍ତି।

# ପୂର୍ବତଟ ରେଳପଥ ଡିଆର୍‌ଏମ୍‌ଙ୍କ ପାରଳାଖେମୁଣ୍ଡି ଗସ୍ତ

ପାରଳାଖେମୁଣ୍ଡି,୨।୧୧(ଡି.ଏନ୍.ଏ.)

ପୂର୍ବତଟ ରେଳପଥ ଡିଆର୍‌ଏମ ଅନୁପ ଶତପଥୀ ବୁଧବାର ଗସ୍ତରେ ଆସିଥିଲେ। ସେ ଗଜପତି ଜିଲାର ପାରଳାଖେମୁଣ୍ଡି ଓ ରାୟଗଡା ଜିଲାର ଗୁଣପୁର ରେଳ ଷ୍ଟେଶନର ପୁନରୁଦ୍ଧାର ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ପାରଳାଖେମୁଣ୍ଡି ରେଳ ଷ୍ଟେଶନର ପୁନରୁଦ୍ଧାର ଓ ସେଠାରେ ବିଭିନ୍ନ ଆନୁସାଙ୍ଗିକ ସୁବିଧା ଯୋଗାଇବା ନିମନ୍ତେ ବିଭାଗ ଅର୍ଥ ମଞ୍ଜୁର କରିବା ସହ ଟେଣ୍ଡର ପ୍ରକ୍ରିୟା ସରିଥିବାରୁ ଗୋଟିଏ ସପ୍ତାହ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ। ସେହିପରି କଟକ-ଗୁଣପୁର ମେମୁ ଟ୍ରେନର ସଫେଇ ଓ ଅନ୍ୟାନ୍ୟ ସମସ୍ୟା ଶୀଘ୍ର ସମାଧାନ ହେବ ବୋଲି ଡ଼ିଆରଏମ ପ୍ରତିଶ୍ରୁତି ଦେଇଛନ୍ତି। ପାରଳା ରେଳଷ୍ଟେଶନ ସମେତ ଜିଲାର ଅନ୍ୟ ଷ୍ଟେଶନରେ ରାଜ୍ୟରଣୀ ଟ୍ରେନ ରହଣି, ନୂତନ ଟ୍ରେନ ଚଳାଚଳ, ଷ୍ଟେଶନ ପରିସର ଆଲୋକୀକରଣ, ଏଟିଏମ ସ୍ଥାପନ, ପାନୀୟ ଜଳ ବ୍ୟବସ୍ଥା ତୁରନ୍ତ କରାଯିବା ପାଇଁ ଉପସ୍ଥିତ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସାଧାରଣ ଲୋକ ଡିଆରଏମଙ୍କ ନିକଟରେ ଦାବି କରିଥିଲେ। ଏହି ଅବସରରେ ଆପନ୍ନା ପରିଚ୍ଛା ସ୍ମୃତି ସଂସଦ ତରଫରୁ ଡିଆର୍‌ଏମଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣରାଓ, ଜିଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ, ପାରଳା ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ଜିଲା ବିଜେଡି ଯୁବ ସଭାପତି ଏସ୍.ଲିଙ୍ଗରାଜୁ, ସୁଜିତ ଦାସ, ଭାଜପା ସଭାନେତ୍ରୀ ଅରୁଣୀମା ସାହୁ, ଭାଜପା ନେତା ଚିତ୍ରି ସିମାଦ୍ରୀ, ବୁଦ୍ଧିଜୀବୀ ବସନ୍ତ ପଣ୍ଡା, ମୂରଲୀଧର ପରିଚ୍ଛା ପ୍ରମୁଖଙ୍କ ସମେତ ବହୁ ଜନସାଧାରଣ ଡିଆର୍‌ଏମଙ୍କ ଅନୁଧ୍ୟାନ ବେଳେ ଉପସ୍ଥିତ ଥିଲେ।



ଡିଆର୍‌ଏମ୍‌ଙ୍କ ସହ ଜନପ୍ରତିନିଧିମାନେ ଆଲୋଚନା କରୁଛନ୍ତି।

# ସିପିଆଇଏମ୍‌ଏଲ୍‌ର ରାଲି, ସ୍ମାରକପତ୍ର ପ୍ରଦାନ




ରାଲିରେ ବାହାରିଥିବା ନେତା ଓ କର୍ମୀମାନେ।

ପାରଳାଖେମୁଣ୍ଡି,୨।୧୧(ଡି.ଏନ୍.ଏ.)

ଗଜପତି ଜିଲା ସିପିଆଇ (ଏମ୍‌ଏଲ) ତରଫରୁ ବୁଧବାର ପାରଳାଖେମୁଣ୍ଡିରେ ରାଲି କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। କଲେଜ ଛକ ଠାରୁ ବିଶାଳ ରାଲି ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ୨୮ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲ। ସମସ୍ତ କ୍ଷେତ ମୁଲିଆମାନଙ୍କୁ ଜଙ୍ଗଲ ଜମି ଘରଡିହ ପଟ୍ଟା, ରାଶନ କାର୍ଡ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ, ଅତି କମ୍‌ରେ ବର୍ଷକୁ ୨୦୦ ଦିନ କାମ ସହ ଦୈନିକ ୬୦୦ ଟଙ୍କା ମଜୁରି, ନୂଆଗଡ ବ୍ଲକ ତାବରଡା ଗାଁର ଆଦିବାସୀମାନଙ୍କୁ ସେମାନେ ଦଖଲରେ ରହିଆସୁଥିବା ଜଙ୍ଗଲ ଜମିର ପଟ୍ଟା ପ୍ରଦାନ ସହ ବାର୍ଦ୍ଧକ୍ୟ, ବିକଳାଙ୍ଗ ମାନଙ୍କୁ ମାସିକ ୩୦୦୦ ହଜାର ଟଙ୍କା ପ୍ରଦାନ ଆଦି ଦାବି ଉଲ୍ଲେଖ କରାଯାଇଛି। ଦଳର ବରିଷ୍ଠ ନେତା ବିଦ୍ୟାଧର ପାତ୍ର, ତ୍ରିପତୀ ଗମାଙ୍ଗ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଜି.ଉଦୟଗିରିରେ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ

ଜି.ଉଦୟଗିରି,୨।୧୧(ଡି.ଏନ.ଏ.)

ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଆବର୍ଜନା ସଂଗ୍ରହ ପାଇଁ କିଓସ୍କୋ ସ୍ଥାପନ କରାଯାଇଛି। ଏନ୍‌ଏସି ଅଧକ୍ଷା ଭାନୁପ୍ରଭା ମିଶ୍ର ବୁଧବାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ବର୍ଜ୍ୟବସ୍ତୁର ସୁପରିଚାଳନା ସମ୍ପର୍କରେ କହିଥିଲେ। ମଇଳା ସଂଗ୍ରହ ବେଳେ ଓଦା ଓ ଶୁଖିଲା ଅଲଗା ଅଲଗା ପକାଇବା ପାଇଁ ପରାମର୍ଶ ଦେଇଥିଲେ। ରିଡିୟୁସ, ରିୟୁଜ ଓ ରିସାଇକେଲ ଉପରେ ଗୁରୁତ୍ୱ ଦେଇଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ମଧ ଅନେକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ସସ୍ମିତା ବେହେରା, କାର୍ଯ୍ୟାଳୟ ବରିଷ୍ଠ ସହାୟକ ସତ୍ୟ ପ୍ରକାଶ ମହାପାତ୍ର, ଗଣେଶ ଜେନା, ପଙ୍କଜ ବେହେରା, ପ୍ରଭାତ ରଞ୍ଜନ ସାହୁଙ୍କ ସମେତ ଏନ୍‌ଏସି କର୍ମଚାରୀମାନେ ଯୋଗ ଦେଇଥିଲେ।

# କଟକଣା ସତ୍ତ୍ୱେ କମୁନି ପଲିଥିନ ବ୍ୟବହାର

ଆର.ଉଦୟଗିରି,୨।୧୧(ଡି.ଏନ.ଏ.)

ଆର.ଉଦୟଗିରି ଓ ମୋହନା ସହରରେ ପଲିଥିନର ବହୁଳ ବ୍ୟବହାର ଯୋଗୁ ଦିନକୁ ଦିନ ପରିବେଶ ନଷ୍ଟ ହେବାରେ ଲାଗିଛି। ଏନେଇ ପ୍ରଶାସନ ପକ୍ଷରୁ ସଚେତନତା ଓ ଚଢ଼ାଉ କରାଯାଉ ନାହିଁ କି ବ୍ୟବସାୟୀ କିମ୍ବା ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେଉନି। ଆର.ଉଦୟଗିରି, ମୋହନା ଓ ଏହାର ଆଖପାଖ ଅଞ୍ଚଳରେ ବହୁ ବ୍ୟବସାୟୀ ପ୍ଲାଷ୍ଟିକ ଗ୍ଲାସ, ପ୍ଲେଟ ଓ ପଲିଥିନ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି। ଦୋକାନୀମାନେ ଖୁଲମଖୁଲା ଚଢ଼ା ଦରରେ ପଲିଥିନ ବିକ୍ରି କରୁଛନ୍ତି। ସହର ଓ ଗ୍ରାମାଞ୍ଚଳର ଚାରିଆଡ଼େ ଅଳିଆ ଆବର୍ଜନାରେ ପ୍ଲାଷ୍ଟିକ ଗ୍ଲାସ, ପ୍ଲେଟ, କପ ଓ ପଲିଥିନ ମାସ ମାସ ଧରି ଜମା ହୋଇ ପଡିରହୁଛି। ଫଳରେ ଡେଙ୍ଗୁମଶା ଓ ମାଛିଙ୍କର ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଏ ବିଷୟରେ ଯେତେ ସଚେତନ କରାଗଲେ ପ୍ରଶାସନ ପକ୍ଷରୁ ଚଢ଼ାଉ ମଧ କରାଯାଉନାହିଁ। ମୋହନା ଓ ଆର.ଉଦୟଗିରି ସମେତ ଏହାର ଆଖପାଖ ଗ୍ରାମଗୁଡିକରେ ଅବାଧରେ ଖୋଲାଖୋଲି ଭାବେ ପଲିଥିନ ବିକ୍ରି ହେଉଛି। ସହରରେ ମାଛ, ମାଂସ, ପରିବା, ରାଶନ ସାମଗ୍ରୀ ଆଦି ଦୋକାନଠାରୁ ଆରମ୍ଭ କରି ପ୍ରତ୍ୟେକ ଦୋକାନରେ ପଲିଥିନର ବହୁଳ ବ୍ୟବହାର ହେଉଛି। ଆର.ଉଦୟଗିରି ଓ ମୋହନା ମୁଖ୍ୟ ସଡ଼କ ସମେତ ସାହି, ଗଳି, କନ୍ଦି, ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ହୋଟେଲ, ଖେଳପଡିଆ, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ କୁଢ଼ କୁଢ଼ ପଲିଥିନ ପଡିଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏହି କାରବାର ଓ ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ସାର, ବିହନ କଳାବଜାର ଉପରେ କାର୍ଯ୍ୟାନୁଷ୍ଠାନ ଶୂନ

- ସମୀକ୍ଷା ପରେ କୃଷି ନିର୍ଦ୍ଦେଶକଙ୍କ ଉଦ୍‌ବେଗ
- ଖିଲାପୀଙ୍କ ବିରୋଧରେ କେସ୍ କରିବାକୁ ନିର୍ଦ୍ଦେଶ

ଛତ୍ରପୁର,୨।୧୧(ଡି.ଏନ୍.ଏ.)

ରାଜ୍ୟ ଅତିରିକ୍ତ ସଚିବ ତଥା କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ମଙ୍ଗଳବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଜିଲାପରିଷଦ ଭବନ ଋଷିକୁଲ୍ୟା ସମ୍ମିଳନୀ ଗୃହରେ କୃଷି ବିଭାଗର ସମୀକ୍ଷା କରିଥିଲେ। ଜିଲାରେ ସାର, ବିହନ ଓ କୀଟନାଶକ ଔଷଧ ବିକ୍ରି ଉପରେ ଏନଫୋର୍ସମେଣ୍ଟ ଆଶାଜନକ ରହୁ ନ ଥିବା ଏବଂ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ନେଇ ଅତିରିକ୍ତ ସଚିବ ବିରକ୍ତି ପ୍ରକାଶ କରିଥିଲେ । ଜିଲାରେ ଚଳିତବର୍ଷ କୌଣସି ସାର, ବିହନ କିମ୍ବା କୀଟନାଶକ ଔଷଧ ରିଟେଲର, ଡିଲରଙ୍କ ଉପରେ ଗୋଟିଏ ବି ଚାର୍ଜଶିଟ୍ କିମ୍ବା କୋର୍ଟରେ କେଶ୍ ହୋଇନଥିବା ସେ ସମୀକ୍ଷାରୁ ଜାଣିପାରିଥିଲେ । ଏପରିକି ଜିଲାରେ ଥିବା ସମସ୍ତ ଡିଲର କିମ୍ବା ବିକ୍ରେତାଙ୍କ ପଏଣ୍ଟକୁ ବି କୃଷି ଇନ୍‌ସପେକ୍ଟର ଓ କୃଷି ଅଧିକାରୀ ଯାଞ୍ଚ ପାଇଁ ଯାଉନାହାନ୍ତି। କୀଟନାଶକ ଔଷଧରେ ଅପମିଶ୍ରଣ ରହୁଛି । ଫଳରେ ଫସଲରେ ପୋକ ନଷ୍ଟ ହେଉନି । ଚାଷୀ କ୍ଷତି ସହୁଛନ୍ତି। ଏପରିକି ନମୁନା ପରୀକ୍ଷା ହୋଇ ଭୁବନେଶ୍ୱର ଲ୍ୟାବ୍‌ରୁ ଆସୁଥିବା ରିପୋର୍ଟ ଉପରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅତିରିକ୍ତ ସଚିବ ଉଦବେଗ ପ୍ରକାଶ କରିଥିଲେ । ଏଥିସହ ହାତଗଣତି ଖିଲାପି ଡିଲର ଓ ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଉଛି । ଏପରିକି ଅଧିକାଂଶ ନୋଟିସ୍‌ର ଉତ୍ତର ଦେଉନାହାନ୍ତି। କେତେକଙ୍କ ଲାଇସେନ୍ସ ସସପେଣ୍ଡ କରାଯାଉଛି । ୧୫ ଦିନ ପରେ ଏହି ସବୁ ଉଠାଇ ଦିଆଯାଇ ପୁଣି ଦୋକାନ ଖୋଲାଯାଉଛି।



କୃଷି ନିର୍ଦ୍ଦେଶକ ସମୀକ୍ଷା କରୁଛନ୍ତି।

ସୂଚନା ଅନୁସାରେ, ବିହନ ବିକ୍ରିରେ ଅନିୟମିତା ପାଇଁ ୬୦ ରିଟେଲର ଓ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବାବେଳେ ୩୬ ଜଣ ନୋଟିସ୍‌ର ଉତ୍ତର ଦେଇନାହାନ୍ତି। ସେହିପରି ୨୦୬ ସାର ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବାବେଳେ ୧୦୦ ଜଣ ଉତ୍ତର ଦେଇନାହାନ୍ତି। ୯ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା ବେଳେ ପରେ ଏମାନଙ୍କ ନବୀକରଣ କରିଦିଆଯାଇଛି। ୨୭ ଜଣ କୀଟନାଶକ ଔଷଧ ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବାବେଳେ ୧୬ ଜଣ ଉତ୍ତର ଦେଇନାହାନ୍ତି। ୫୦ଟିର ନମୁନା ସଂଗ୍ରହ କରାଯାଇଥିବାବେଳେ ୩୬ଟିର ନମୁନା ଲ୍ୟାବକୁ ପଠାଯାଇଥିଲା । ସେଥିରୁ ୧୮ ଟିର ରିପୋର୍ଟ ଆସିଛି । ଯାଞ୍ଚ ଓ ତଦନ୍ତ କରି ଖିଲାପୀଙ୍କ ବିରୋଧରେ ଏତଲା କରିବାକୁ ବୈଠକରେ ଅତିରିକ୍ତ ସଚିବ ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାର ଅଗ୍ରଗତିର ସମୀକ୍ଷା ହୋଇଥିଲା । ସମୀକ୍ଷା ପୂର୍ବରୁ ଅତିରିକ୍ତ ସଚିବ ଖଲ୍ଲିକୋଟ, ପୁରୁଷୋତ୍ତମପୁର, ହିଞ୍ଜିଳି ଓ କୁକୁଡାଖଣ୍ଡି ବ୍ଲକରେ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କିର୍ତ୍ତୀଭାସନଙ୍କ ସମେତ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ।

# ଖସୁନି ପରିବା ଦର, ଚିନ୍ତାରେ ଖାଉଟି



ଧରାକୋଟ,୨।୧୧(ଡି.ଏନ୍.ଏ.)

ଗତ ଲଗାଣ ବର୍ଷାରେ ପରିବା ଚାଷ ବ୍ୟାପକ କ୍ଷତି ହୋଇଛି। ବିଲରେ ପାଣି ଜମି ରହିବାରୁ ଗଛସବୁ ପଚି ଯାଇ ଗଛ ନଷ୍ଟ ହୋଇଯାଇଥିଲା। ଫଳ ଆରମ୍ଭରୁ ଏପରି ହେବା କାରଣରୁ ପରିବା ଚାଷ ଠପ୍ ହୋଇଥିଲା। ଯେଉଁଠି ବି ଅଳ୍ପ ଚାଷ ରହିଛି, ବଜାରରେ ଦର ଆକାଶଛୁଆଁ ହୋଇଛି। ଧରାକୋଟ ବ୍ଲକ ମୁଣ୍ଡମରାଇ, ଚରିଛକ, ଦସ୍ମାଇଲି, ମାଣିକପୁର, ବାହାରପୁର, ଢ଼ଉଗାଁ, ନନ୍ଦିଗୋର୍ ଓ ଜାହାଡା ଅଞ୍ଚଳରେ ଅଧିକାଂଶ ପରିବା ଦର ୫୦ ଉପରେ ରହିଛି। ଅଞ୍ଚଳରେ ବିନ ୮୦, ଫୁଲକୋବି ୭୦, ପୋଟଳ ୬୦, କାଙ୍କଡ଼ ୬୦, ଝୁଲଣ ୬୦, ଟମାଟୋ ୫୦, ଭେଣ୍ଡି ୫୦, ଅମୃତଭଣ୍ଡା ୪୦, କୁନ୍ଦୁରି ୪୦, ମୂଳା ୫୦, ବାଇଗଣ ୫୦ ଓ କ୍ୟାପସିକମ୍ ଦର ୧୩୦ ଟଙ୍କା ରହିଛି। ବ୍ଲକର ମୁଣ୍ଡମରାଇ, ପୁଟୁ, ନନ୍ଦିଗୋର, ଧରାକୋଟ, ସୁନାପଲି, ସିନ୍ଧୁରାପଲି, ଲକ୍ଷ୍ମିପୂର୍, କୁଶରାବ, କୁଷପଡ଼ା, ବେଠୁଆର, କାନଗିରିଡି, ସୁନମୋହି, ଢ଼ଉଗାଁ, ପୋଡ଼ାପାଲି, ହୀରାଖଣ୍ଡି ଆଦି ଗ୍ରାମରେ ପରିବା ଚାଷ କରାଯାଏ। ଏଠାରୁ ଅନ୍ୟ ଅଞ୍ଚଳକୁ ପରିବା ବିକ୍ରି ପାଇଁ ପଠାଯାଉଥିବା ବେଳେ ବର୍ତ୍ତମାନ ଆଉ ଯାଉନି। ପରିବା ଦର ବୃଦ୍ଧି ପାଇଁ ଖାଉଟି ଚିନ୍ତାରେ ପଡ଼ିଛନ୍ତି।

